ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ


# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 28-11-2025

ଗଜପତି(ଓଡିଶା) - :2025-11-28 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-11-29 | 2025-11-30 | 2025-12-01 | 2025-12-02 | 2025-12-03 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 30.0 | 30.0 | 31.0 | 32.0 | 33.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 16.0 | 16.0 | 17.0 | 17.0 | 18.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 93 | 95 | 93 | 86 | 84 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 53 | 54 | 54 | 51 | 50 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 4 | 3 | 2 | 4 |
| ପବନର ଦିଗ (ଡିଗ୍ରୀ) | 27 | 354 | 90 | 9 | 343 |
| ମେଘାଚ୍ଛନ (ଅକ୍ଟା) | 0 | 1 | 2 | 2 | 2 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ସ୍ୱଚ୍ଛ ରୁ ମୁଖ୍ୟତଃ ସ୍ୱଚ୍ଛ ଆକାଶ ସହିତ ଜିଲ୍ଲାରେ ଆଗାମୀ ୫ ଦିନ ପାଗ ଶୁଖିଲା ରହିବାର ସମ୍ଭାବନା ଅଛି | ଆସନ୍ତା ୫ ଦିନ ପାଇଁ ଭାରତ ପାଣିପାଗ ବିଭାଗ ଦ୍ୱାରା ଜିଲ୍ଲା ପାଇଁ କୌଣସି ସଚେତନତା ସୂଚନା ଜାରି କରାଯାଇଛି ନାହିଁ। ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ହାରାହାରି ୨.୦ ରୁ ୫.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ | ସର୍ବାଧିକ ତାପମାତ୍ରା ୩୦.୦°C ରୁ ୩୩.୦°C ମଧ୍ୟରେ ହୋଇପାରେ | ସର୍ବନିମ୍ନ ତାପମାତ୍ରା ୧୬.୦°C ରୁ ୧୮.୦°C ମଧ୍ୟରେ ରହିପାରେ | ସକାଳେ ଆପେକ୍ଷିକ ଆଦ୍ରତା ୮୪ ରୁ ୯୫ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୫୦ ରୁ ୫୪ ପ୍ରତିଶତ ମଧ୍ୟରେ ରହିପାରେ |

## ଆବହାୱିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

କୌଣସି ଚେତାବନୀ ନାହି ।

## ଆବହାୱିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| କୌଣସି ଚେତାବନୀ ନାହି । |

### ସାଧାରଣ ଉପଦେଶ:

| |
|---|
| ଧାନ ଅମଳ କରିବାର ୧୫ ଦିନ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । କେଣ୍ଡାରେ ଶତକଡା ୮୫ ଭାଗ ଧାନ ପାଚି ଯାଇଥିଲେ କିମ୍ବା ହଳଦିଆ ବା ସୁନା ରଙ୍ଗର ଦେଖା ଯାଉଥିଲେ ଅମଳ କରନ୍ତୁ । ବିହନ ପାଇଁ ଧାନ ରଖିବାକୁ ଥିଲେ ହିଡ ଠାରୁ ୧ ମିଟର ଛାଡି ମଝି ଭାଗରେ ଧାନ କାଟନ୍ତୁ । ଧାନ ଅମଳ ପରେ ଦିନକୁ ୮ ଘଣ୍ଟା, ଦୁଇ ରୁ ତିନି ଦିନ ସିମେଣ୍ଟ ଚଟାଣରେ କିମ୍ବା ୨୦୦-ମାଇକ୍ରନ କଳା ପଲିଥିନ ଉପରେ ୨.୫ ସେମି ଉଚ୍ଚରେ ଶୁଖାଇ ଦେଲେ ଆର୍ଦ୍ରତା ଶତକଡା ୧୪ କୁ ଖସି ଆସେ । ବିହନ ପାଇଁ ଧାନ ରଖିବାକୁ ଥିଲେ ଆର୍ଦ୍ରତା ଶତକଡା ୧୨ ଭାଗ ରଖନ୍ତୁ । ଚାଷୀ ଭାଇମାନେ ମାଟିରେ ଥିବା ଆର୍ଦ୍ରତା ର ଲାଭ ଉଠାଇ ଧାନ କାଟିବା ପରେ ତୁରନ୍ତ ରବି ଜାତୀୟ ଫସଲ ବୁଣାବୁଣି ଆରମ୍ଭ କରନ୍ତୁ । ପନିପରିବା ରେ ହୁଡା ଟେକନ୍ତୁ । କୀଟନାଶକ ଔଷଧ ସିଞ୍ଚନ ସକାଳ ଓ ସନ୍ଧ୍ୟା ସମୟରେ କରନ୍ତୁ । ଉଚ୍ଚ-ମଧ୍ୟମ ଜମିରେ ରବି ଜାତୀୟ ଫସଲ ଯଥା ମୁଗ, ବିରି, କୋଳଥ, ରାଶି, ସୂର୍ଯ୍ୟମୁଖୀ ଏବଂ କାକୁଡି ଆଦି ଫସଲ ଚାଷ କରନ୍ତୁ । ପନିପରିବା ଫସଲ ଯଥା ମଟର, ଗାଜର, ମୂଳା ଆଦି ଫସଲ ଲଗାନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଉଚ୍ଚ-ମଧ୍ୟମ ଜମିରେ ରବି ଜାତୀୟ ଫସଲ ଯଥା ମୁଗ, ବିରି, କୋଳଥ, ରାଶି, ସୂର୍ଯ୍ୟମୁଖୀ ଏବଂ କାକୁଡି ଆଦି ଫସଲ ଚାଷ କରନ୍ତୁ । ପନିପରିବା ଫସଲ ଯଥା ମଟର, ଗାଜର, ମୂଳା ଆଦି ଫସଲ ଲଗାନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ୮୫ ଶତକଡା ପାଚି ଯାଇଥିଲେ ଅମଳ କରିଦିଅନ୍ତୁ । ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । କଟା ହୋଇଯାଇଥିବା ଧାନର ଯଦି ବେଙ୍ଗଳା ସମ୍ଭବ ହୋଇପାରୁ ନାହିଁ ତେବେ ପଲିଥିନ ଘୋଡାଇ ସୁରକ୍ଷିତ ରଖନ୍ତୁ । ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଏବଂ ନାଳୀ ମୁହଁ କୁ ଖୋଲା ରଖନ୍ତୁ । ଅମଳ ହୋଇଥିବା ଧାନକୁ ଜମିରେ ଛାଡନ୍ତୁ ନାହିଁ । ଧାନ ଗଛ ପଡିଯାଇଥିଲେ ବର୍ଷା ପରେ ହଳା କରି ଠିଆ କରନ୍ତୁ । |
| ସୋରିଷ | ରବି ଋତୁ ରେ ସୋରିଷ ଚାଷ କରୁଥିଲେ, ସରଳ କିସମ ଯଥା ନିର୍ମଲ ବ୍ଲାକ ଗୋଲ୍ଡ , ଟି-୯, ଏମ-୨୭, ପି. ଟି-୩୦୩ ଓ ସୁଶ୍ରୀ ଏବଂ ବିଳମ୍ବ କିସମ ପୁଷା ବାହାର, ବିନୟ ଆଦି କିସମ ଏକର ପ୍ରତି ୩ ରୁ ୫ କେଜି ମଞ୍ଜି ବ୍ୟବହାର କରନ୍ତୁ । କାପଟାନ କିମ୍ବା ଥିରାମ ୩ ଗ୍ରାମ ପ୍ରତି କିଗ୍ରା ମଞ୍ଜି ରେ ବିଶୋଧନ ପରେ ବ୍ୟବହାର କରନ୍ତୁ । ଧାଡି କୁ ଧାଡି ୨୦ ଏବଂ ଗଛ କୁ ଗଛ ୧୦ ସେମି ଦୂରତା ରେ ବିଳମ୍ବ କିସମ ଏବଂ ଧାଡି କୁ ଧାଡି ୩୦ ଏବଂ ଗଛ କୁ ଗଛ ୧୦ ସେମି ଦୂରତା ରେ ସହଳ କିସମ ଲଗାନ୍ତୁ । |
| ମୁଗ | ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଲୋଗ୍ରାମ ମଞ୍ଜି ରେ ୨-ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ କାର୍ବୋକ୍ସିନ ଓ ଥିରାମ ର ମିଳିତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବା ଦିନ ପ୍ରତି ୧-କିଲୋଗ୍ରାମ ବିହନରେ ୨୦-ଗ୍ରାମ ରାଇଜୋବିୟମ ଜୀବାଣୁ କଲଚର ଭଲ ଭାବରେ ଗୋଳାଇ ଛାଇରେ ଶୁଖାଇ ଜମିରେ ବୁଣନ୍ତୁ । ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୨ ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିଆ ମୂଳ ସାର ହିସାବରେ ସାର ପ୍ରୟୋଗ କରନ୍ତୁ । |
| ସୁଂଫ୍ଲୋବେର | ବର୍ତ୍ତମାନ ରବି ସୂର୍ଯ୍ୟମୁଖୀ ଫସଲ ପାଇଁ ଜମି ପ୍ରସ୍ତୁତ କରି ଶୀଘ୍ର ବୁଣାବୁଣି କାମ ଶେଷ କରନ୍ତୁ \| ଓଡିଶାର ଜଳବାୟୁ ପାଇଁ ଅଧିକ ଅମଳକ୍ଷମ କିସମ ଯଥା ମର୍ଡନ୍, ସନରାଇଜ୍, ସୂର୍ଯ୍ୟ ଓ ହାଇବ୍ରିଡ୍ କିସମ ଯଥା କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୩ ଓ ଏମ୍.ଏସ୍.ଏଫ୍.ଏଚ୍ ଆଦି କିସମ ଲଗାନ୍ତୁ \| ଏକର ପ୍ରତି ଅଧିକ ଅମଳକ୍ଷମ କିସମ ଅଣଜଳସେଚିତ ଜମିରେ ୪ କି.ଗ୍ରା, ଜଳସେଚିତ ଜମିରେ ୩.୫ କି.ଗ୍ରା ବିହନ ଓ ହାଇବ୍ରିଡ୍ କିସମ ଜଳସେଚିତ ଜମିରେ ୨ରୁ ୨.୫ କି.ଗ୍ରା, ଜଳସେଚିତ ଜମିରେ ୧.୫ ରୁ ୨ କି.ଗ୍ରା ବିହନ ଦରକାର ହୋଇଥାଏ \| ବୁଣାର ପୁର୍ବରୁ ବିହନକୁ ଭଲ ଭାବେ ଖରାରେ ଶୁଖାଇ ଓ ବିହନ ବିଶୋଧନ କରି ବୁଣନ୍ତୁ \| ୧ କି.ଗ୍ରା ବିହନକୁ ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ \| ଝାଉଁଳା ରୋଗ ଦୂରେଇବା ପାଇଁ ପ୍ରତି କି.ଗ୍ରା ବିହନକୁ ୪ ଗ୍ରାମ୍ ଟ୍ରାଇକୋଗ୍ରାମ୍ ଦ୍ୱାରା ବିହନ କୁ ଉପଚାର କରି ବୁଣନ୍ତୁ \| ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୨ ଟନ୍ ଗୋବର ଖତ ପ୍ରୟୋଗ କରନ୍ତୁ \| ଶେଷ ଓଡ ଚାଷ ସମୟରେ ଏକର ପ୍ରତି ଅନୁମୋଦିତ ଯବକ୍ଷାରଜାନର ଅଧା (୮ କି.ଗ୍ରା ଯବକ୍ଷାରଜାନ), ୧୬ କି.ଗ୍ରା ଫସଫରସ୍ ଓ ୧୨ କି.ଗ୍ରା ପଟାସ୍ ସାର କୁ ମୂଳସାର ଆକାର ରେ ଧାଡିରେ ପ୍ରୟୋଗ କରନ୍ତୁ \| ହାଇବ୍ରିଡ୍ କିସମ ପାଇଁ ଏହାର ଦୁଇ ଗୁଣ ସାର ପ୍ରୟୋଗ କରନ୍ତୁ \| ଲଗାଇବା ପୂର୍ବରୁ ବିହନକୁ ୧୦-୧୨ ଘଣ୍ଟା ଭଜାଇ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ବୁଣିଲେ ଭଲ ଗଜା ହୋଇଥାଏ | ପାଣିରୁ ଛାଣିବା ପରେ ଏକର ପ୍ରତି ୬୦୦ ଗ୍ରାମ୍ ପଏସବି କଲଚର୍ ରେ ବିହନକୁ ଉପଚାର କରି ବୁଣନ୍ତୁ | ଧାଡିକୁ ଧାଡି ମଟାଳ ମାଟିରେ ୬୦X୩୦ ଓ ଦୋରସା ମାଟିରେ ୪୫X୩୦ ସେମି ବ୍ୟବଧାନ ରଖି ବିହନ କୁ ୩ ସେମି ଗଭୀରରେ ବୁଣନ୍ତୁ | |
| ସବୀ ତ କର୍ଣ | ମକା ମଞ୍ଜି ବୁଣିବାର ୨୦ ରୁ ୨୫ ଦିନ ହୋଇଯାଇଥିଲେ ଘାସ ବାଛି ଜମିକୁ କୋଡାଖୋସା କରି ହୁଡା ଟେକି ଦିଅନ୍ତୁ । ଏହି ସମୟରେ ଏକର ପ୍ରତି ୫୫ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ । ୪୦-୪୫ ଦିନ ବେଳକୁ ଚଅଂର ଆସିବା ପୂର୍ବରୁ ଆଉଥରେ ଘାସ ବାଛି କୋଡାଖୋସା କରି ଏକର ପ୍ରତି ୫୫ କିଗ୍ରା ୟୁରିଆ ଓ ୨୦ କିଗ୍ରା ଏମଓପି ସାର ପ୍ରୟୋଗ କରନ୍ତୁ । ଜୈବିକ ଉପାୟ ରେ ମକା ଫସଲ ରେ ଫଲ ଆର୍ମି ୱର୍ମ କୀଟର ପରିଚାଳନା ପାଇଁ ଏକର ପ୍ରତି ୧୨୦୦ ଗ୍ରାମ ବିୟୁଭେରିଆ ବାସିଆନା ନାମକ ଜୈବିକ କୀଟନାଶକ କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ଏକର ପ୍ରତି ୧୦-୧୨ ଟି ବାଉଁଶ କଣି ବା ଶୁଖିଲା ଡାଳ ପୋତିଲେ ତା ଉପରେ ଶିକାରୀ ପକ୍ଷୀ ଗୁଡିକ ବସି ଶୁକ ଏବଂ ଅଣ୍ଡା ଗୁଡିକୁ ଖାଇଥାନ୍ତି । ଚଅଁର ଆସିବା ପୂର୍ବରୁ ଏହି ବାଉଁଶ କଣି ଗୁଡିକୁ କାଢି ଦିଅନ୍ତୁ । ମକା ଗଛର ପତ୍ରସନ୍ଧା ରେ ବାଲି, ମାଟି ଏବଂ ପାଉଁଶର ମିଶ୍ରଣ କୁ ବିଞ୍ଚି ଦିଅନ୍ତୁ, ଏହା କରିବା ଦ୍ୱାରା ପତ୍ର ଗୁଡିକ ସପୋକ ମାନଙ୍କର ଖାଇବା ପାଇଁ ଅରୁଚିକର ହୋଇଥାଏ। ରାସାୟନିକ ଉପାୟରେ ମକା ଫସଲ ରେ ଫଲ ଆର୍ମି ୱର୍ମ କୀଟର ପରିଚାଳନା ପାଇଁ ଏକର ପ୍ରତି ୮୦ ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin benzoate) ନାମକ କୀଟନାଶକ କିମ୍ବା ୧୦୦-ମିଲି ସ୍ପାଇନେଟୋରାମ (Spinetoram) ନାମକ କୀଟନାଶକ କିମ୍ବା ୮୦-ମିଲି କ୍ଲୋରାନଟ୍ରାନିଲିପ୍ରୋଲ (Chlorantraniliprole) ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଟମାଟର | ବିଲାତି ବାଇଗଣ ତଳି ବର୍ତମାନ ତଳିଘେରାରେ ୧-୩ ସପ୍ତାହ ଚାରା ଅବସ୍ଥାରେ ଅଛି। ବର୍ଷା ଓ ଖରା ରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପାରେ ଛାମୁଣ୍ଡିଆ କରନ୍ତୁ । ତଳିଘେରା ରେ ଝାଡ଼ଂଳା ରୋଗୋ ର ନିରାକରଣ ପାଇଁ ତଳିଘେରା କୁ ଷ୍ଟ୍ରେପ୍ଟୋସାଇକ୍ଲିନ ୦.୧ଗ୍ରାମ ସହିତ ୧ଗ୍ରାମ କାର୍ବେଣ୍ଡାଜିମ ଔଷଧ କୁ ୧ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବିଲାତି ବାଇଗଣ ୩-୪ ସପ୍ତାହ ଅବସ୍ଥାରେ ମୁଖ୍ୟ ଜମି ରେ ରୋଇବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ବିଲାତି ବାଇଗଣ ରୋପଣ ପାଇଁ ଏକରକୁ ୪ଟନ ଗୋବର ଖତ, ୫୨କିଲୋ ଡି.ଏ.ପି., ୭ କିଲୋ ୟୁରିଆ ଓ ୬୬ କିଲୋ ଏମ.ଓ.ପି.ସାର ବ୍ୟବହାର କରନ୍ତୁ। ଧାଡି କୁ ଧାଡି ୬୦ସେମି ଓ ଚାରା ମଧରେ ୪୫ ସେମି ଦୂରତାରେ ଚାରା ରୋପଣ କରନ୍ତୁ। |
| ବନ୍ଧାକୋବି | ବନ୍ଧାକୋବି ତଳି ବର୍ତମାନ ଗଜାରୁ ହେବା ଅବସ୍ଥାରେ ଅଛି। ବନ୍ଧାକୋବି ଚାଷ ପାଇଁ ତଳି ପଟାଳି ପ୍ରସ୍ତୁତ କରି ମଞ୍ଜି ବୁଣନ୍ତୁ । ବନ୍ଧାକୋବି ପାଇଁ ଏକରକୁ ୨୦୦ଗ୍ରାମ ବିହନ ତଳି ପକାନ୍ତୁ. ବନ୍ଧା କୋବି କିସମ Golden acre, Pride of India ଇତ୍ୟାଦି ବ୍ୟବହାର କରନ୍ତୁ । ବିହନ ବୁଣିବା ପୂର୍ବରୁ ଏକ କିଲୋ ମଞ୍ଜି ରେ ୧ଗ୍ରାମ Bavistin ସହିତ ୨ ଗ୍ରାମ Thiram ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ। ଏକ ଏକର ଜମି ରେ ଚାଷ ପାଇଁ ପାଖା ପାଖି ୫୦ ବର୍ଗ ମିଟର ତଳି ପଟାଳି ପ୍ରସ୍ତୁତ କରନ୍ତୁ। ତଳି ପଟାଳି ୩ମିଟର ଲାମ୍ବା, ୧ ମିଟର ଚଉଡା ଓ ୧୫ ସେମି. ଉଚ୍ଚ ହେବା ଆବଶ୍ୟକ। ବର୍ଷା ଓ ଖରା ରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପରେ ଛାମୁଣ୍ଡିଆ କରନ୍ତୁ । |
| ଫୁଲକୋବି | ଫୁଲ କୋବି ତଳି ବର୍ତମାନ ଗଜା ହେବା ଅବସ୍ଥାରେ ଅଛି । ଫୁଲ କୋବି ଚାଷ ପାଇଁ ତଳି ପଟାଳି ପ୍ରସ୍ତୁତ କରି ମଞ୍ଜି ବୁଣନ୍ତୁ । ଫୁଲ କୋବି ପାଇଁ ଏକରକୁ ୨୦୦ଗ୍ରାମ ବିହନ ତଳି ପକାନ୍ତୁ । ଫୁଲକୋବି କିସମ K-1, Pusa early synthetic and Pusa early Kuanri ଇତ୍ୟାଦି ବ୍ୟବହାର କରନ୍ତୁ । ବିହନ ବୁଣିବା ପୂର୍ବରୁ ଏକ କିଲୋ ମଞ୍ଜି ରେ ୧ଗ୍ରାମ Bavistin ସହିତ ୨ ଗ୍ରାମ Thiram ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ଏକ ଏକର ଜମି ରେ ଚାଷ ପାଇଁ ୫୦ ବର୍ଗ ମିଟର ତଳି ପଟାଳି ପ୍ରସ୍ତୁତ କରନ୍ତୁ । ତଳି ପଟାଳି ୩ମିଟର ଲମ୍ବା, ୧ ମିଟର ଚଉଡା ଓ ୧୫ ସେମି. ଉଚ୍ଚ ହେବା ଆବଶ୍ୟକ । ବର୍ଷା ଓ ଖରା ରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପରେ ଛାମୁଣ୍ଡିଆ କରନ୍ତୁ। |
| | ମାଟିର ବତର ଦେଖି ମଟର ବୁଣା କାମ ଶୀଘ୍ର କରନ୍ତୁ | ଓଡିଶାର ଜଳବାୟୁ ପାଇଁ ଅଧିକ ଅମଳକ୍ଷମ କିସମ ଯଥା ରଚନା, ଅର୍ଲି ଅର୍କେଲ୍, ଟି-୧୬୩ ଆଦି କିସମ ଲଗାନ୍ତୁ | ଏକର ପ୍ରତି ୨୫-୩୦ କିଗ୍ରା ବିହନ ଦରକାର ହୋଇଥାଏ | ବୁଣିବା ପୂର୍ବରୁ ବିହନକୁ ଭଲଭାବରେ ଖରାରେ ଶୁଖାଇ ଓ ବିହନକୁ ବିଶୋଧନ କରି ବୁଣନ୍ତୁ | ୧କି.ଗ୍ରା ବିହନକୁ ୩ଗ୍ରାମ୍ ଥିରାମ୍ କିମ୍ବା ୧.୫ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ। ଏହାର ସାତ ଦିନ ପରେ ଏକର ପ୍ରତି ୪୦୦ଗ୍ରାମ୍ ରାଇଜୋବିୟମ୍ କଲ୍ଚର୍ ରେ ବିହନକୁ ଗୋଳାଇ ବୁଣନ୍ତୁ | ଜମିକୁ ଭଲଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ | ଏକର ପ୍ରତି ୨ ଟନ୍ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ | ଶେଷ ଓଡ ଚାଷ ସମୟରେ ଏକର ପ୍ରତି ଅନୁମୋଦିତ ଯବକ୍ଷାରଜାନର ଅଧା (ଦଶ କିଗ୍ରା ଯବକ୍ଷାରଜାନ), ୧୬ କିଗ୍ରା ଫସଫରସ୍ ସାରକୁ ମୂଳ ସାର ଆକାରରେ ଧାଡିରେ ପ୍ରୟୋଗ କରନ୍ତୁ | ଅବଶିଷ୍ଟ ଯବକ୍ଷାରଜାନ ସାର କୋଡା ଖୁସା ଓ ଘାସ ବଛା ସାରି ପ୍ରୟୋଗ କରନ୍ତୁ | ଧାଡିକୁ ଧାଡି ୩୦ ଓ ଗଛକୁ ଗଛ ୧୦ ସେମି ବ୍ୟବଧାନ ରଖି |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ବିହନକୁ ୩ ସେମି ଗଭୀରରେ ବୁଣନ୍ତୁ \| ବୁଣିବା ପରେ ହାଲୁକା ଜଳସେଚନ କରନ୍ତୁ \| ବୁଣିବାର ଦିନକ ପରେ ତୃଣନାଶକ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩ କିଗ୍ରା କ୍ରିୟାଶୀଳ ଉପାଦାନ ସିଂଚନ କରନ୍ତୁ \| |
| ବୋଇତି କଖାରୁ | ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ଫସଲରେ ଫଳମାଛି ଲାଗିବାର ସମ୍ଭାବନା ରହିଛି । ଫଳମାଛି ର ପରିଚାଳନା ପାଇଁ ପ୍ରଥମେ ୪-ଲିଟର ପାଣିରେ ୪୦୦-ଗ୍ରାମ ଗୁଡ ଓ ୮-ମିଲି ମାଲାଥିଅନ ବା ଡିଡିଭିପି ନାମକ କୀଟନାଶକ ମିଶାଇ ବିଷଥୋପ ପ୍ରସ୍ତୁତ କରନ୍ତୁ । ଏହି ବିଷଥୋପକୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ ଟି ସ୍ଥାନରେ ଛୋଟ ସରେଇ କିମ୍ବା ମାଟି ସରା କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳରେ ରଖନ୍ତୁ । ଏହା ଦ୍ଵାରା ଫଳମାଛି ଗୁଡିକ ବିଷଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ। |
| ବ୍ରୋକୋଲି | ଏକ ଏକର ଜମିରେ ବ୍ରୋକଲି ଚାଷ ପାଇଁ ୧୨୦-୧୬୦ ଗ୍ରାମ ବିହନ ଆବଶ୍ୟକ ହୁଏ । ମଞ୍ଜି ବୁଣିବା ପୂର୍ବରୁ ୨ ଗ୍ରାମ Carboxin ଓ Thiram ର ମିଶ୍ରିତ ଫିମ୍ପିନାଶକ କୁ ପ୍ରତି କେଜି ମଞ୍ଜିରେ ମିଶାଇ ବିହନ ବିଶୋଧନ କରନ୍ତୁ । ୧୨୦ ସେଣ୍ଟିମିଟର ଲମ୍ବ, ୪୦ ସେଣ୍ଟିମିଟର ଓସାର ଓ ୧୫ ସେଣ୍ଟିମିଟର.ଉଚ୍ଚତା ବିଶିଷ୍ଟ ତଳିମଘେରା ପ୍ରସ୍ତୁତ କରନ୍ତୁ। ତଳିମଘେରା ରେ ଜଳ ନିଷ୍କାସନ ପାଇ ସୁବିଧା କରନ୍ତୁ । 1 ବର୍ଗ ମିଟର ତଳିମଘେରା ରେ 2-3kg ସଢା ଗୋବର ଖତ ପ୍ରମୟାଗ କରନ୍ତୁ। ତଳିମଘେରା ରେ 7.5 ମସ.ମି. ଦୂରତା ଓ 1.5-2 ମସ.ମି. ଗଭୀରତା ରେ ବିହନ ବୁଣନ୍ତୁ। ମଞ୍ଜିବୁଣିବା ପରେ ଏହାକୁ ଖତ ଓ ମାଟିସହିତ ଘୋଡାଇ ଦିଅନ୍ତୁ ଏବିଂ ସମତଳ କରିଦିଅନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ଋତୁରେ ଗାଈଗୋରୁ ମାନଙ୍କୁ ପ୍ରତି ଦିନ ଖଣିଜ ମିଶ୍ରଣ ସହ ୧୦ ରୁ ୨୦ ଶତକଡା ଲୁଣ, ଚୋକଡ ଓ ଗୁଡ ମିଶାଇ ଖାଇବାକୁ ଦିଅନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଶ ୱାଟର | ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ । ଏହି ରୋଗ ମାନଙ୍କର ନିରାକରଣ ପାଇଁ ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କିମ୍ବା ୧ ରୁ ୨ କେଜି ପୋଟାସିୟମ ପରମାଙ୍ଗାନେଟ କିମ୍ବା ୫୦ ରୁ ୧୦୦ କେଜି ଚୂନ ମିଶାଇ ବିଶୋଧନ କରନ୍ତୁ । ଶୀତ ଋତୁରେ ମାଛ ମାନଙ୍କୁ ରୋଗ ନହେବା ପାଇଁ ଏକ ଏକର ପୋଖରୀ ପ୍ରତି ୧୦୦ କେଜି ଲୁଣ ପ୍ରୟୋଗ କରନ୍ତୁ । |

## ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ପ୍ଲାଣ୍ଟ ପ୍ରୋଟେକ୍ସନ | ସାହେବୀ ରୋଗର ବାହକ ଗୁଡିକର ପରିଚାଳନା ପାଇଁ ମଞ୍ଜି ଗଜା ହେବାର ୧୦-୧୨ଦିନ ପରେ ଏକର ପ୍ରତି ୮-୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ପୋକ ଆକ୍ରମଣ ଅଧିକ ହେଲେ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| କୌଣସି ଚେତାବନୀ ନାହିଁ । |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| କୌଣସି ଚେତାବନୀ ନାହି । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**